# NATIONAL NEWS BULLETIN (ODIA)

**4 December- 2025**

**Mid Bulletin : 1.50 p.m.**

## ମୁଖ୍ୟ ସମ୍ବାଦ

- ନୌସେନା ଦିବସ ଅବସରରେ ଶୁଭେଚ୍ଛା ଜଣାଇଲେ ରାଷ୍ଟ୍ରପତି, ଉପରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀ ।

- ଆନ୍ତର୍ଜାତିକ ଚିତା ଦିବସ ଅବସରରେ ଚିତାର ସୁରକ୍ଷା ଓ ପୁର୍ନଉଦ୍ଧାର ଉପରେ ଗୁରୁତ୍ୱପ୍ରଦାନ କଲେ ପ୍ରଧାନମନ୍ତ୍ରୀ ।

- ବାଲ୍ୟବିବାହମୁକ୍ତ ଭାରତ ଅଧୀନରେ ୧୦୦ଦିନିଆ ସଚେତନତା ଅଭିଯାନର ଶୁଭାରମ୍ଭ କଲେ କେନ୍ଦ୍ର ମହିଳା ଓ ଶିଶୁବିକାଶ ମନ୍ତ୍ରୀ ।

ଏବଂ

- ଶ୍ରୀଲଙ୍କାରେ ବାତ୍ୟାଜନିତ ମୃତ୍ୟୁସଂଖ୍ୟା ୪ଶହ ଅଣାଅଶୀକୁ ବୃଦ୍ଧି, ୩୫୦ ନିଖୋଜ ।

## ପ୍ରେଜ୍ ଭିପି ପିଏମ୍ ନାଭି ଡେ

ନୌସେନା ଦିବସ ଅବସରରେ ଆଜି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ଉପରାଷ୍ଟ୍ରପତି ସି.ପି. ରାଧାକୃଷ୍ଣନ ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ନୌସେନା ଜବାନ, ଅବସରପ୍ରାପ୍ତ ନୌସେନା ଜବାନ ଏବଂ ସେମାନଙ୍କ ପରିବାରକୁ ଶୁଭେଚ୍ଛା ଜଣାଇଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ରାଷ୍ଟ୍ରପତି ମୁର୍ମୁ କହିଛନ୍ତି ବାଣିଜ୍ୟିକ ମାର୍ଗର ସୁରକ୍ଷାଠାରୁ ଆରମ୍ଭ କରି

ଦେଶର ନୀଳ ଅର୍ଥନୀତିର ସୁଦୃଢ଼ୀକରଣ ଏବଂ ମାନବୀୟ ଅଭିଯାନ କ୍ଷେତ୍ରରେ ଭାରତୀୟ ନୌସେନାର ଶୃଙ୍ଖଳା, ଦୟା ଏବଂ କର୍ତ୍ତବ୍ୟ ପରାୟଣତା ପ୍ରଶଂସନୀୟ ।

ଏହି ଅବସରରେ ଉପରାଷ୍ଟ୍ରପତି ରାଧାକୃଷ୍ଣନ କହିଛନ୍ତି ଦେଶର ସାମୁଦ୍ରିକ ଦୃଢ଼ତା, ସତର୍କତା ଓ ପ୍ରତିବଦ୍ଧତାର ସୁରକ୍ଷା ଦିଗରେ ପ୍ରତୀକ ଭାବରେ ନୌସେନା ଜାତୀୟ ସ୍ୱାର୍ଥରେ କାର୍ଯ୍ୟ କରିଚାଲିଛି ।

ସାମାଜିକ ଗଣମାଧ୍ୟମ ପୋଷ୍ଟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଇଏନ୍ଏସ୍ ବିକ୍ରାନ୍ତରେ ନୌସେନା ଜବାନମାନଙ୍କ ସହ ଦୀପାବଳି ପାଳନକୁ ମନେପକାଇ ଏହାକୁ ଅବିସ୍ମରଣୀୟ ବୋଲି କହିଛନ୍ତି । ନୌସେନା ଜବାନମାନଙ୍କୁ ଶୁଭେଚ୍ଛା ଜଣାଇ ପ୍ରଧାନମନ୍ତ୍ରୀ କହିଛନ୍ତି ଅଦମ୍ୟ ସାହସ ଓ ଦୃଢ଼ନିଷ୍ଠତାର ପ୍ରତୀକ ହେଉଛି ଭାରତୀୟ ନୌସେନା । ସେ କହିଛନ୍ତି ଦେଶର ସୁରକ୍ଷା ଉପକରଣ ବୃଦ୍ଧିକରି ଆତ୍ମନିର୍ଭର ଏବଂ ଆଧୁନିକତା କ୍ଷେତ୍ରରେ ନୌସେନା ସଫଳତା ହାସଲ କରିଛି ।

ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ନୌସେନା ଦିବସ ଅବସରରେ ଶୁଭେଚ୍ଛା ଜଣାଇଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଶ୍ରୀ ସିଂହ କହିଛନ୍ତି ଭାରତୀୟ ସମୁଦ୍ରରେ ନୌସେନା ବୃହତ୍ ଶକ୍ତି ଭାବେ କାର୍ଯ୍ୟ କରିବା ସହ ଭାରତୀୟ ସାମୁଦ୍ରିକ ତଟ୍ଟକ୍ଷେତ୍ରରେ ସତର୍କତାର ସହ କାର୍ଯ୍ୟ କରୁଛି । ସେ କହିଛନ୍ତି ନୌସେନା ଆତ୍ମନିର୍ଭର ଭାରତ ଲକ୍ଷ୍ୟକୁ ପାଥେୟ କରି ବିକଶିତ ଭାରତ ଲକ୍ଷ୍ୟ ପୂରଣ ଦିଗରେ ଅଗ୍ରସର ହେଉଛି । ଶ୍ରୀ ସିଂହ କହିଛନ୍ତି ନୌସେନା ଜବାନ ଏବଂ ଅଧିକାରୀମାନଙ୍କ ବୃତ୍ତିଗତ ପ୍ରତିବଦ୍ଧତା ଅତ୍ୟନ୍ତ ଉଚ୍ଚମାନର, ଯାହା ଦେଶବାସୀଙ୍କ ମନରେ ଆତ୍ମବିଶ୍ୱାସ ବୃଦ୍ଧି

କରିଛି । ନୌସେନାର ସମସ୍ତ ସଫଳତା ଲାଗି ପ୍ରତିରକ୍ଷା ମନ୍ତ୍ରୀ କାମନା କରିଛନ୍ତି ।

ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା ନୌସେନା ଦିବସ ଅବସରରେ ନୌସେନାର ବୀର ଯୋଦ୍ଧାମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ଭାରତୀୟ ନୌସେନାକୁ ଦେଶର ଗର୍ବ ଏବଂ ଗୌରବ ବୋଲି ବର୍ଣ୍ଣନା କରି ଶ୍ରୀ ଶାହା କହିଛନ୍ତି ଦେଶର ସୁରକ୍ଷା ଏବଂ ବିକାଶ ଉଭୟକୁ ନୌସେନା ପ୍ରାଧାନ୍ୟ ଦେଉଛି । ଦଶନ୍ଧି ଦଶନ୍ଧି ଧରି ନୌସେନା ତା'ର ଦେଶପ୍ରତି ଥିବା ଉତ୍ସର୍ଗୀକୃତ ମନୋଭାବ ପ୍ରକାଶ କରିଆସିଛି । ଶ୍ରୀ ଶାହା ଦେଶପାଇଁ ବଳିଦାନ ଦେଇଥିବା ନୌସେନା ଜବାନମାନଙ୍କୁ ଶ୍ରଦ୍ଧାସୁମନ ଅର୍ପଣ କରିଛନ୍ତି ।

ପ୍ରତିରକ୍ଷା ମୁଖ୍ୟ ଜେନେରାଲ ଅନୀଲ ଚୌହ୍ୱାନ ଏବଂ ନୌସେନା ମୁଖ୍ୟ ଆଡମିରାଲ ଦୀନେଶ କୁମାର ତ୍ରିପାଠୀ ନୂଆଦିଲ୍ଲୀସ୍ଥିତ ଜାତୀୟ ଯୁଦ୍ଧ ସ୍ମାରକରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି । ଏହି ଅବସରରେ ବୀର ନୌସେନା ଜବାନମାନଙ୍କ ବଳିଦାନକୁ ସ୍ମରଣ କରାଯାଇଛି । ୧୯୭୧ ମସିହା ଆଜିର ଦିନରେ ଅପରେସନ ଟ୍ରାଇଡେଣ୍ଟରେ ଭାରତୀୟ ନୌସେନା ପାକିସ୍ତାନର ପିଏନ୍ଏସ୍ ଖାଇବର ସମେତ ୪ଟି ଜାହାଜକୁ ନଷ୍ଟ କରିଦେଇଥିଲା । ସେହି ନୌସେନା ଜବାନମାନଙ୍କ ବୀରତ୍ୱକୁ ସ୍ମରଣପୂର୍ବକ ଆଜିର ଦିନଟିକୁ ନୌସେନା ଦିବସ ଭାବେ ପାଳନ କରାଯାଇ ଆସୁଛି ।

# ଆର୍‌ଏସ୍-ଟ୍ରାଫିକିଙ୍ଗ

ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ୍. ଜୟଶଙ୍କର ରାଜ୍ୟସଭାରେ କହିଛନ୍ତି ଜାତୀୟ ତଦନ୍ତକାରୀ ସଂସ୍ଥା ଏନ୍‌ଆଇଏ ୨୭ଟି ମାନବ ଚାଲାଣ ମାମଲା ପଞ୍ଜିକୃତ କରିବା ସହ ତଦନ୍ତ କରୁଛି । ଏହିସବୁ ମାମଲାରେ ଶହେ ଅଣସ୍ତରୀ ଜଣଙ୍କୁ ଗିରଫ କରାଯାଇଥିବାବେଳେ ୧୩୨ଜଣଙ୍କ ବିରୋଧରେ ଚାର୍ଜସିଟ୍ ଦାଖଲ କରାଯାଇଛି । ରାଜ୍ୟସଭାରେ ଆଜି ଏକ ଅତିରିକ୍ତ ପ୍ରଶ୍ନର ଉତ୍ତରରେ ଡକ୍ଟର ଜୟଶଙ୍କର କହିଛନ୍ତି ଏନ୍‌ଆଇଏ ଗତ ଅଗଷ୍ଟ ମାସରେ ହରିୟାଣା ଏବଂ ପଞ୍ଜାବରୁ ୨ଜଣ ଚାଲାଣକାରୀଙ୍କୁ ଗିରଫ କରିଥିବାବେଳେ ଅକ୍ଟୋବର ମାସରେ ହିମାଚଳ ପ୍ରଦେଶରୁ ଅନ୍ୟ ୨ଜଣଙ୍କୁ ଗିରଫ କରିଛି । ଡକ୍ଟର ଜୟଶଙ୍କର କହିଛନ୍ତି ପଞ୍ଜାବରେ ଅଧିକ ସଂଖ୍ୟକ ମାନବ ଚାଲାଣ ମାମଲା ରୁଜୁ ହୋଇଥିବାବେଳେ ରାଜ୍ୟ ସରକାର ଏକ ସ୍ୱତନ୍ତ୍ର ତଦନ୍ତକାରୀ ଦଳ ଗଠନ କରିଛନ୍ତି । ପଞ୍ଜାବ ସରକାରଙ୍କ ଦ୍ୱାରା ଦିଆଯାଇଥିବା ସୂଚନା ଅନୁଯାୟୀ ୫୮ଜଣ ବେନିୟମ ଟ୍ରାଭେଲ ଏଜେଣ୍ଟଙ୍କ ବିରୋଧରେ ୨୫ଟି ଏତଲା ଦାୟର କରାଯିବା ସହ ୧୬ଜଣଙ୍କୁ ଗିରଫ କରାଯାଇଛି । ହରିୟାଣାରେ ୨ହଜାର ୩୨୫ଟି ମାମଲାରେ ୪୪ଟି ଏତଲା ଦାୟର କରାଯାଇଥିବାବେଳେ ୨୭ଜଣଙ୍କୁ ଗିରଫ କରାଯାଇଛି ।

# ପିଏମ୍-ଇଣ୍ଟରନ୍ୟାସନାଲ ଚିତା ଡେ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆନ୍ତର୍ଜାତିକ ଚିତା ଦିବସ ଅବସରରେ ସମସ୍ତ ବନ୍ୟପ୍ରାଣୀ ପ୍ରେମୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଶ୍ରୀ ମୋଦୀ ଚିତାବାଘକୁ ପୃଥିବୀର ସବୁଠାରୁ ଉଲ୍ଲେଖନୀୟ ପାଣୀ ମଧ୍ୟରୁ ଗୋଟିଏ ବୋଲି ବିବେଚନା କରି ୩ ବର୍ଷ ପୂର୍ବେ ଆରମ୍ଭ ହୋଇଥିବା ଚିତା ପ୍ରକଳ୍ପର ସଫଳତା ବିଷୟରେ କହିଛନ୍ତି । ସେ କହିଛନ୍ତି ଚିତାକୁ ସୁରକ୍ଷା ଦେବା ଏବଂ ଏହାର ପୁନଃରୁଦ୍ଧାର କରିବା ଲକ୍ଷ୍ୟରେ ଚିତା ପ୍ରକଳ୍ପ ଆରମ୍ଭ କରାଯାଇଥିଲା ।

ପ୍ରଧାନମନ୍ତ୍ରୀ କହିଛନ୍ତି ଚିତା ପର୍ଯ୍ୟଟନର ଲୋକପ୍ରିୟତା ବୃଦ୍ଧି ପାଇବା ଅତ୍ୟନ୍ତ ଉତ୍ସାହଜନକ । ଭାରତ ମାଟିରେ ଅନେକ ଚିତା ରହୁଥିବାରୁ ଓ ଚିତା ଜନ୍ମଗ୍ରହଣ କରୁଥିବାରୁ ସେ ଗର୍ବ ଅନୁଭବ କରୁଥିବା ପ୍ରକାଶ କରିଛନ୍ତି । ବିଶ୍ୱର ବନ୍ୟପ୍ରାଣୀ ପ୍ରେମୀଙ୍କୁ ଭାରତ ଆସି ଚିତା ଦେଖିବା ଲାଗି ସେ ଆହ୍ୱାନ ଦେଇଛନ୍ତି । ପ୍ରଧାନମନ୍ତ୍ରୀ କହିଛନ୍ତି ଜନସାଧାରଣଙ୍କ ସମର୍ଥନ ଏବଂ ଚିତା ମିତ୍ର ମାନଙ୍କ ଅବିରତ ଉଦ୍ୟମ ଯୋଗୁଁ ଚିତା ପ୍ରକଳ୍ପ ସଫଳ ହୋଇପାରିଛି ।

# ଚାଇଲ୍ଡ ମ୍ୟାରେଜ ଫ୍ରି ଭାରତ

କେନ୍ଦ୍ର ମହିଳା ଓ ଶିଶୁବିକାଶ ମନ୍ତ୍ରୀ ଅନ୍ନପୂର୍ଣ୍ଣା ଦେବୀ ଆଜି ନୂଆଦିଲ୍ଲୀରେ ବାଲ୍ୟବିବାହମୁକ୍ତ ଭାରତ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଛନ୍ତି । ଏହି କାର୍ଯ୍ୟକ୍ରମ ଅଧୀନରେ ୧୦୦ଦିନିଆ ବ୍ୟାପକ

ସଚେତନତା ଅଭିଯାନ ଆରମ୍ଭ କରାଯାଇଛି । ବାଲ୍‌ବିବାହ ମୁକ୍ତ ଭାରତ ଅଭିଯାନର ପ୍ରଥମ ବାର୍ଷିକୀ ଅବସରରେ ଏହି ଯୋଜନାର ଶୁଭାରମ୍ଭ କରାଯାଇଛି । ବିଭାଗୀୟ ରାଷ୍ଟ୍ରମନ୍ତ୍ରୀ ସାବିତ୍ରୀ ଠାକୁର ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ । ଏହି ଅବସରରେ କେନ୍ଦ୍ରମନ୍ତ୍ରୀ ବାଲ୍ୟବିବାହ ରୋକିବା ସମ୍ପର୍କିତ ଶପଥପାଠ କରାଇଥିଲେ ।

୧୦୦ଦିନିଆ ଅଭିଯାନରେ ଦେଶର ବିଦ୍ୟାଳୟ, ମହାବିଦ୍ୟାଳୟ, ବିଶ୍ୱବିଦ୍ୟାଳୟ ଏବଂ ପଞ୍ଚାୟତ ଗୁଡ଼ିକରେ ବିଭିନ୍ନ ସଚେତନତା କାର୍ଯ୍ୟକ୍ରମ ଲାଗି ଯୋଜନା ପ୍ରସ୍ତୁତ କରାଯାଇଛି । ଏଥିରେ ସଚେତନତା ର୍‍ୟାଲି, ନୁକଡ ନାଟକ, ପ୍ରାଚୀର ଚିତ୍ର, ପୋଷ୍ଟର ପ୍ରତିଯୋଗିତା, ବକ୍ତୃତା ଏବଂ ବାଲ୍‌ବିବାହ ମୁକ୍ତ ଭାରତ ଶପଥ ପାଠ ଭଳି କାର୍ଯ୍ୟକ୍ରମ ରହିଛି । ଏହି ଅବସରରେ ମନ୍ତ୍ରୀ ଅନ୍ନପୂର୍ଣ୍ଣା ଦେବୀ କହିଛନ୍ତି ୨୦୩୦ ମସିହା ସୁଦ୍ଧା ଦେଶକୁ ବାଲ୍ୟବିବାହମୁକ୍ତ କରିବା ଲାଗି ସରକାର ଲକ୍ଷ୍ୟଧାର୍ଯ୍ୟ କରିଛନ୍ତି । ଏ କ୍ଷେତ୍ରରେ ସମସ୍ତ ନାଗରିକ ଓ ସମ୍ପ୍ରଦାୟଙ୍କ ସେ ସହଯୋଗ କାମନା କରିଛନ୍ତି । ଏହି ୧୦୦ଦିନିଆ ଅଭିଯାନ ଆସନ୍ତା ବର୍ଷ ଆନ୍ତର୍ଜାତିକ ମହିଳା ଦିବସ ପର୍ଯ୍ୟନ୍ତ ଚାଲିବ ।

## ଏଲ୍‌ଏସ୍-ଇଲେକ୍ଟ୍ରି ବାଇକ୍

କେନ୍ଦ୍ର ସଡ଼କ ଏବଂ ପରିବହନ ମନ୍ତ୍ରୀ ନୀତିନ ଗଡକରୀ କହିଛନ୍ତି ଭାରତର ଇଲେକ୍ଟ୍ରିକ ଯାନ ମାର୍କେଟର ବିକାଶ ଘଟି ଏହାର ବିକ୍ରି ୨୦୩୦ ସୁଦ୍ଧା

ବାର୍ଷିକ ୨୦ଲକ୍ଷ କୋଟି ଟଙ୍କାରେ ପହଞ୍ଚିବ ବୋଲି ଆକଳନ କରାଯାଇଛି । ଆଜି ଲୋକସଭାରେ ପ୍ରଶ୍ନୋତ୍ତର କାଳରେ ଏକ ଅତିରିକ୍ତ ପ୍ରଶ୍ନର ଉତ୍ତରରେ ମନ୍ତ୍ରୀ ଶ୍ରୀ ଗଡକରୀ କହିଛନ୍ତି ଆସନ୍ତା ୫ ବର୍ଷ ମଧ୍ୟରେ ଇଲେକ୍ଟ୍ରିକ ଯାନ ଯୋଗୁଁ ୫ କୋଟି ନିଯୁକ୍ତି ସୁଯୋଗ ସୃଷ୍ଟି ହେବ । ସେ କହିଛନ୍ତି ଇତିମଧ୍ୟରେ ଦେଶରେ ୫୭ଲକ୍ଷ ଇଲେକ୍ଟ୍ରିକ ଯାନ ପଞ୍ଜୀକରଣ ହୋଇଛି। ଇଭି କାର୍ ବିକ୍ରିରେ ୨୦ପ୍ରତିଶତ ବୃଦ୍ଧି ଘଟିଥିବାବେଳେ ପେଟ୍ରୋଲ ଏବଂ ଡିଜେଲ ଚାଳିତ କାର୍ ବିକ୍ରି ୪ ଦଶମିକ ୨ ପ୍ରତିଶତ ବୃଦ୍ଧି ଘଟିଛି । ଦେଶରେ ଇଲେକ୍ଟ୍ରିକ ଯାନର ବିକ୍ରି ସମ୍ପର୍କରେ ଶ୍ରୀ ଗଡକରୀ କହିଛନ୍ତି ଗତ ୨ ବର୍ଷ ମଧ୍ୟରେ ଇଣ୍ଟରନାଲ କମ୍ବଷ୍ଟନ ଇଞ୍ଜିନ ଅପେକ୍ଷା ଇଲେକ୍ଟ୍ରିକ ଯାନର ବିକ୍ରି ବୃଦ୍ଧି ପାଇଛି । ସେ କହିଛନ୍ତି ଭାରି ଶିଳ୍ପ ମନ୍ତ୍ରଣାଳୟ ପକ୍ଷରୁ ପିଏମ୍ ଇ-ଡ୍ରାଇଭ୍ ଯୋଜନାରେ ଇଭି ଚାର୍ଜିଂ ଷ୍ଟେସନ ସ୍ଥାପନ ପାଇଁ ୨ହଜାର କୋଟି ଟଙ୍କା ବ୍ୟୟବରାଦ କରାଯାଇଛି ।

## ଏଲ୍ଏସ୍ ଟ୍ରାଇବାଲ୍ସ

ଧରତୀ ଆବା ଜନଜାତୀୟ ଗ୍ରାମ ଉତ୍କର୍ଷ ଅଭିଯାନରେ ଆଦିବାସୀବହୁଳ ଗ୍ରାମ ଗୁଡ଼ିକର ବିକାଶ ଲାଗି କେନ୍ଦ୍ର ସରକାର ୮୦ କୋଟି ଟଙ୍କା ବ୍ୟୟବରାଦ କରିଥିବା ଜଣାପଡିଛି । ଆଜି ଲୋକସଭାରେ ପ୍ରଶ୍ନକାଳ ସମୟରେ ଆଦିବାସୀ ବ୍ୟାପାର ମନ୍ତ୍ରୀ ଜୁଏଲ ଓରାମ କହିଛନ୍ତି ଏହି ଯୋଜନା ଅଧୀନରେ ୬୩ହଜାରରୁ ଅଧିକ ଗ୍ରାମରେ ଶିକ୍ଷା, ସ୍ୱାସ୍ଥ୍ୟ

ଏବଂ ବିଦ୍ୟୁତୀକରଣ ବ୍ୟବସ୍ଥାର ଉନ୍ନତି କରାଯାଉଛି । ସେ କହିଛନ୍ତି ପ୍ରଥମଥର ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ସରକାର ଜନଜାତି ଲୋକମାନଙ୍କ ବିକାଶ ନିମନ୍ତେ କେତେ ପରିମାଣର ଅର୍ଥ ବରାଦ କରିଛନ୍ତି । ଶ୍ରୀ ଓରାମ କହିଛନ୍ତି ଜନଜାତି ଲୋକଙ୍କ ବିକାଶ ପାଇଁ କେନ୍ଦ୍ର ସରକାର ପ୍ରଧାନମନ୍ତ୍ରୀ ଜନଜାତି ଆଦିବାସୀ ନ୍ୟାୟ ମହା ଅଭିଯାନ ଏବଂ ଧରତୀ ଆବା କାର୍ଯ୍ୟକ୍ରମ ଆରମ୍ଭ କରିଛନ୍ତି । ମନ୍ତ୍ରୀ କହିଛନ୍ତି ପିଏମ୍ ଜନମନ ଯୋଜନାରେ ଦେଶର ୭୫ଟି ଅତ୍ୟନ୍ତ ଦୁର୍ବଳ ଆଦିମ ଜନଜାତି - ପିଭିଟିଜି ଅଞ୍ଚଳରେ ୫୪ହଜାରରୁ ଅଧିକ ଗୃହ ନିର୍ମାଣ କରାଯାଉଛି ।

**V/O (Juel Oram)**

## ଅପରେସନ ସାଗର ବନ୍ଧୁ

ଶ୍ରୀଲଙ୍କାରେ ବାତ୍ୟା ପ୍ରଭାବରେ ସୃଷ୍ଟି ହୋଇଥିବା ପରିସ୍ଥିତି ଯୋଗୁଁ ମୃତ୍ୟୁସଂଖ୍ୟା ୪ଶହ ଅଣାଅଶୀରେ ପହଞ୍ଚିଛି । ଏପର୍ଯ୍ୟନ୍ତ ୩୫୦ଜଣ ନିଖୋଜ ରହିଥିବା ସୂଚନା ମିଳିଛି । ଆଗାମୀ ଦିନରେ ସେଠାରେ ପାଗ ଖରାପ ରହିବା ନେଇ ଆକଳନ କରାଯାଇଛି । ଶ୍ରୀଲଙ୍କାର ବିଭିନ୍ନ କ୍ଷେତ୍ରରେ ବ୍ୟାପକ ନଷ୍ଟଭ୍ରଷ୍ଟ ହୋଇଥିବା ଜଣାପଡିଛି । ସେଠାକାର ପ୍ରଶାସନିକ ଅଧିକାରୀଙ୍କ ସୂଚନା ଅନୁଯାୟୀ ୧୭ଶହଟି ଟ୍ୟାଙ୍କ, ୪୮୦ରୁ ଅଧିକ ଡ୍ୟାମ୍ ଏବଂ ୨ହଜାରରୁ ଅଧିକ କେନାଲ କ୍ଷତିଗ୍ରସ୍ତ ହୋଇଛି । ୨୨ଟି ସେତୁ ନଷ୍ଟ ହୋଇଥିବାବେଳେ ବାତ୍ୟାପ୍ରଭାବରେ ବନ୍ଦ ରହିଥିବା

୨୪୬ଟି ସଡ଼କକୁ ଯୋଗାଯୋଗକ୍ଷମ କରାଯାଇଛି । ଭାରତ ପକ୍ଷରୁ ଅପରେସନ ସାଗରବନ୍ଧୁ ଯୋଜନାରେ ସେଠାକାର ଯୋଗାଯୋଗ ଭିତ୍ତିଭୂମିର ପୁନଃରୁଦ୍ଧାର ଲାଗି ଉଦ୍ୟମ କରାଯାଉଛି । ଇତିମଧ୍ୟରେ ଯୋଗାଯୋଗ ସମ୍ପର୍କିତ ପ୍ରାୟ ୫୦ଟନ୍‌ର ଉପକରଣ ସହ ୫ଶହଟି ଜଳବିଶୋଧକ କିଟ୍ ଭାରତୀୟ ବାୟୁସେନା ସେଠାରେ ପହଞ୍ଚାଇଥିବା ଜଣାପଡିଛି ।